ପର୍ଯ୍ୟବେକ୍ଷକ
ମହାନଗର

# ଗଙ୍ଗା ନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ନମାମୀ ଗଙ୍ଗେ ଯୋଜନା

ଭୁବନେଶ୍ୱର (ପିଆଇବି): ଗଙ୍ଗା ନଦୀକୁ ଭାରତର ସବୁଠାରୁ ମହତ୍ୱପୂର୍ଣ୍ଣ ନଦୀ ଭାବେ ବିବେଚନା କରାଯାଏ । ଏହି ନଦୀ ଭାରତୀୟଙ୍କ ଭାବନା ସହିତ ଜଡିତ । ଭାରତରେ ୨୦୭୧ କିମି ପର୍ଯ୍ୟନ୍ତ ବ୍ୟାପ୍ତ ଏବଂ ଏହାପରେ ବାଙ୍ଗଲାଦେଶରେ ମଧ୍ୟ ପ୍ରବାହିତ ହୋଇଥିବା ଗଙ୍ଗା ନଦୀ ଏହାର ସହାୟକ ନଦୀଙ୍କ ସାଙ୍ଗରେ ମିଶି ୧୦ ଲକ୍ଷ ବର୍ଗ କିମିର ଉର୍ବର ଭୂମି ସୃଷ୍ଟି କରିଥାଏ । ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଗଙ୍ଗା ନଦୀ ତଟରେ ଥିବା ଅଂଚଳ ଏହାର ଜନସଂଖ୍ୟା ପାଇଁ ମଧ୍ୟ ଜଣାଶୁଣା । ହାରାହାରି ୩୧ ମିଟର ପର୍ଯ୍ୟନ୍ତ ଗଭୀର ଥିବା ଏହି ନଦୀ ଭାରତରେ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ ଏବଂ ଏହାର ଉପାସନା ମା ଅବା ଦେବୀ ରୂପରେ କରାଯାଇଥାଏ । ଆମ ପୁରାଣ ଓ ସାହିତ୍ୟରେ ଗଙ୍ଗା ନଦୀର ସୌନ୍ଦର୍ଯ୍ୟ ଓ ମହତ୍ୱ ବିଷୟରେ ବାରମ୍ବାର ବର୍ଣ୍ଣନା କରାଯାଇଛି ଏପରିକି ବିଦେଶୀ ସାହିତ୍ୟରେ ମଧ୍ୟ ଏହାର ବର୍ଣ୍ଣନା କରାଯାଇଛି । ବିଶେଷଜ୍ଞଙ୍କ ମତ ଅନୁଯାୟୀ ଗଙ୍ଗା ନଦୀ ଜଳରେ ବେକ୍ଟିରିୟୋଫେଜ୍ ନାମକ ବୀଜାଣୁ ରହିଥାନ୍ତି ଯାହା ହାନିକାରକ ସୂକ୍ଷ୍ମ ଜୀବଙ୍କୁ ଜଳରେ ବଂଚିବାକୁ ଦିଅନ୍ତି ନାହିଁ । ଗଙ୍ଗା ନଦୀର ଏକ ଅସିମୀତ ଶୁଦ୍ଧିକରଣ କ୍ଷମତା ରହିଛି ଓ ଏହି ପବିତ୍ର ନଦୀକୁ ନେଇ ଲୋକଙ୍କ ଶ୍ରଦ୍ଧା ରହିଥିଲେ ମଧ୍ୟ ଏହାର ପ୍ରଦୂଷଣକୁ ରୋକାଯାଇ ପାରିନାହିଁ । କିନ୍ତୁ ଏଥିପାଇଁ ସରକାରଙ୍କ ତରଫରୁ ପ୍ରୟାସ ଜାରି ରହିଛି । ୨୦୦୮ ନଭେମ୍ବରରେ ଭାରତ ସରକାରଙ୍କ ଦ୍ୱାରା ଗଙ୍ଗା ନଦୀକୁ ରାଷ୍ଟ୍ରୀୟ ନଦୀ ତଥା ଆହ୍ଲାବାଦ ଏବଂ ହଳଦିଆ ମଧ୍ୟରେ ଥିବା (୧୬୦୦) କିମି ପର୍ଯ୍ୟନ୍ତ ଗଙ୍ଗା ନଦୀର ଜଳମାର୍ଗକୁ ରାଷ୍ଟ୍ରୀୟ ଜଳ ମାର୍ଗ ଘୋଷିତ କରାଯାଇଛି । ଗଙ୍ଗା ନଦୀକୁ ସଫା କରିବା ଭାରତ ସରକାରଙ୍କ ପାଇଁ ଏକ ଚ୍ୟାଲେ ଅଟେ । ୧୯୮୪ ମସିହାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗଙ୍ଗା ନଦୀର ପ୍ରଦୂଷଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଏହାର ଆଧାରରେ ୧୯୮୫ ମସିହାରେ ଗଙ୍ଗା ଆକ୍ସନ ପ୍ଲାନ ଆରମ୍ଭ ହୋଇଥିଲା । ଏହା ଅନ୍ତର୍ଗତ କାମ ମଧ୍ୟ ଆରମ୍ଭ କରାଗଲା କିନ୍ତୁ ଏଥିରେ ଖୁବ୍ କମ ସଫଳତା ମିଳିଥିଲା । ଏହା ୧୫ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ୯୦୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ୨୦୦୦ ମସିହା ମାର୍ଚ୍ଚ ମାସରେ ଏହାକୁ ବନ୍ଦ କରାଯାଇଥିଲା । ଏହା ମଧ୍ୟରେ ୧୯୯୩ ମସିହା ଏପ୍ରିଲ ମାସରେ ଆଉ ୩ଟି ନଦୀ ଯଥା, ଯମୁନା, ଗୋମତୀ ଏବଂ ଦାମୋଦରକୁ ନେଇ ଗଙ୍ଗା ଆକ୍ସନ ପ୍ଲାନ-୨ ଆରମ୍ଭ କରାଯାଇଥିଲା । ୧୯୯୬ ମସିହା ଡିସେମ୍ବରରେ ଗଙ୍ଗା ଆକ୍ସନ ପ୍ଲାନ-୨କୁ ରାଷ୍ଟ୍ରୀୟ ନଦୀ ସଂରକ୍ଷଣ ଯୋଜନାରେ ମିଶ୍ରଣ କରି ଦିଆଯାଇଥିଲା । ୨୦୦୯, ଫେବୃଆରି ମାସରେ ରାଷ୍ଟ୍ରୀୟ ଗଙ୍ଗା ନଦୀ ବେସିନ ଅଥରିଟିର ଗଠନ କରାଗଲା । ଏଥିରେ ଗଙ୍ଗା ସହିତ ଯମୁନା, ଗୋମତୀ, ଦାମୋଦର ଏବଂ ମହାନନ୍ଦାକୁ ମଧ୍ୟ ସାମିଲ କରାଯାଇଥିଲା । ୨୦୧୧ରେ ଏହି କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରୀୟ ସ୍ୱଚ୍ଛ ଗଙ୍ଗା ମିଶନର ଗଠନ ଏକ ପୀକୃତ ସୋସାଇଟି ରୂପରେ କରାଯାଇଥିଲା । ୨୦୧୪ ମସିହାରେ ମୋଦି ସରକାର ନମାମୀ ଗଙ୍ଗେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ଗଙ୍ଗା ସଫେଇ ପାଇଁ ଏହିସବୁ ଯୋଜନାରେ ୪.୬୧୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ସମଗ୍ର ବିଶ୍ୱରେ ଗଙ୍ଗା ନଦୀ ଏହାର ଶୁଦ୍ଧିକରଣ ଅବା ପରିଷ୍କରଣ କ୍ଷମତା ପାଇଁ ପରିଚିତ । ଗଙ୍ଗା ନଦୀର ଏହି କ୍ଷମତାକୁ ବୈଜ୍ଞାନିକମାନେ ମଧ୍ୟ ମାନିଛନ୍ତି । ନଦୀ ଜଳରେ ଅମ୍ଳଜାନ ମାତ୍ରାକୁ ବଜାୟ ରଖିବାର ଅସାଧାରଣ କ୍ଷମତା ରହିଛି । କିନ୍ତୁ ଗଙ୍ଗା ନଦୀ କୂଳରେ ଗଢି ଉଠିଥିବା ଉଦ୍ୟୋଗିକ ସହରର ବର୍ଜ୍ୟବସ୍ତୁର ଗଙ୍ଗା ନଦୀରେ ମିଶ୍ରଣ ହେତୁ ଏହା ଅନେକମାତ୍ରାରେ ପ୍ରଦୂଷିତ ହେଉଛି । ଏବଂ ବିଗତ କିଛି ବର୍ଷ ହେବ ଏହା ଭାରତ ସରକାର ଏବଂ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ଉଦ୍ୟୋଗିକ ବର୍ଜ୍ୟବସ୍ତୁ ସାଙ୍ଗକୁ ପ୍ଲାଷ୍ଟିକର ଆବର୍ଜନା ଗଙ୍ଗା ନଦୀରେ ପ୍ରଦୂଷଣର ମାତ୍ରାକୁ ବଢାଇ ଦେଇଛି । ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ମୁତାବକ ଉତରପ୍ରଦେଶର ଲୋକଙ୍କଠାରେ ଦେଖାଯାଉଥିବା ରୋଗ ଗୁଡିକରୁ ୧୨ ପ୍ରତିଶତ ରୋଗ କେବଳ ଗଙ୍ଗାର ପ୍ରଦୂଷିତ ଜଳ ଯୋଗୁଁ ହୋଇଥାଏ । ଏହା ଅତ୍ୟନ୍ତ ଚିନ୍ତାର ବିଷୟ ଯେ ଗଙ୍ଗା ନଦୀର ଜଳ ଆଉ ସ୍ନାନ କରିବା, ପିଇବା ଅବା ଚାଷ ଜମିରେ ସିଂଚନର ଯୋଗ୍ୟ ହୋଇ ରହିନାହିଁ । ଉଦ୍ୟୋଗ ଗୁଡିକର ବର୍ଜ୍ୟବସ୍ତୁକୁ ଗଙ୍ଗାରେ ନପକାଇବା ପାଇଁ ଆଇନ କରାଯାଇଛି । ଏହିକ୍ରମରେ ଗଙ୍ଗାକୁ ରାଷ୍ଟ୍ରୀୟ ସଂପତି ଘୋଷଣା କରାଯାଇଛି ତଥା ଗଙ୍ଗା ଆକ୍ସନ ପ୍ଲାନ ଏବଂ ରାଷ୍ଟ୍ରୀୟ ନଦୀ ସଂରକ୍ଷଣ ଯୋଜନା ଲାଗୁ କରାଯାଇଛି । ତେବେ ଏହାର ସଫଳତାକୁ ନେଇ ପ୍ରଶ୍ନ ଚିହ୍ନ ମଧ୍ୟ ରହିଛି । ସାଧାରଣ ଲୋକ ମଧ୍ୟ ଏ ବିଷୟରେ ସଚେତନ ହେଲେଣି । ଏହା ସହିତ ଗଙ୍ଗା ନଦୀ ସହିତ ଜଡିତ ଥିବା ଲୋକଙ୍କ ଧାର୍ମିକ ଭାବନା ଯେପରି ଆହତ ନହେବ ସେଥିପ୍ରତି ମଧ୍ୟ ପ୍ରୟାସ କରାଯାଉଛି । ଏସବୁ ସତ୍ୱେ ଗଙ୍ଗା ନଦୀର ଅସ୍ତିତ୍ୱ ଉପରେ ସଂକଟ ଲାଗି ରହିଛି । ଗଙ୍ଗା ନଦୀକୁ ନିର୍ମଳ କରିବା ପାଇଁ ହାରାହାରି ୪୦ରୁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି । ସଂପ୍ରତି ସରକାର ଏହି କାମ ପାଇଁ ୨୦ ହଜାର କୋଟି ଟଙ୍କା ଆବଂଟନ କରିଛନ୍ତି । ଗଙ୍ଗାକୁ ସ୍ୱଚ୍ଛ କରିବା ପାଇଁ ୫ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିବ ବୋଲି ଆଶା କରାଯାଉଛି । ତେବେ ଏହାର ନଦୀ ଘାଟ ଗୁଡିକର ସୌନ୍ଦର୍ଯ୍ୟକରଣ ଏବଂ ପରିବହନର ସମସ୍ତ ଯୋଜନା ଏବଂ କ୍ରିୟାନ୍ୱୟନରେ ହାରାହାରି ୧୫ ବର୍ଷ ଲାଗିପାରେ । ବିଶେଷଜ୍ଞଙ୍କ ମତାନୁସାରେ ଗଙ୍ଗାର ସ୍ଥିତି ଅନ୍ୟ ନଦୀମାନଙ୍କଠାରୁ ଭିନ୍ନ ଅଟେ । ଏହି ପବିତ୍ର ନଦୀରେ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଲୋକ ସ୍ନାନ କରିଥାନ୍ତି । ଶ୍ରଦ୍ଧାଳୁ ପୂଜା ସାମଗ୍ରୀକୁ ଗଙ୍ଗା ନଦୀରେ ପ୍ରବାହିତ କରିଥାନ୍ତି । ଗଙ୍ଗା ନଦୀର ସଫେଇ ପାଇଁ ପୂର୍ବରୁ ବହୁବାର ପ୍ରୟାସ କରାଯାଇଥିଲେ ସୁଦ୍ଧା ଏହା ସନ୍ତୋଷଜନକ ହୋଇପାରିନାହିଁ । ଦେଶର ପ୍ରଧାନମନ୍ତ୍ରୀ ହେବାପରେ ନରେନ୍ଦ୍ର ମୋଦି ଗଙ୍ଗା ନଦୀର ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ଏହାର ସଫେଇ ପାଇଁ ଅଭିଯାନ ଆରମ୍ଭ କରିଛନ୍ତି । ଏହାପରେ ସେ ଜୁଲାଇ ୨୦୧୪ ବଜେଟରେ ନମାମୀ ଗଙ୍ଗେ ନାମକ ଏକ ପରିଯୋଜନା ଆରମ୍ଭ କରିଛନ୍ତି । ଏହି ପରିଯୋଜନାର ଅଂଶ ସ୍ୱରୂପ ଭାରତ ସରକାର ଗଙ୍ଗା ନଦୀ କୂଳରେ ସ୍ଥିତ ୪୮ଟି ଉଦ୍ୟୋଗିକ ସଂସ୍ଥାକୁ ବନ୍ଦ କରିବାର ଆଦେଶ ଦେଇଛନ୍ତି । ବିଭିନ୍ନ ଉପକରଣ ସାହାଯ୍ୟରେ ବିଶେଷ ସଫେଇ ଅଭିଯାନ ଆରମ୍ଭ କରାଯାଇଛି । ଜୁନ ୨୦୧୫ରୁ ଆଠଟି ସହର ଯଥା- କାନପୁର, ଆହ୍ଲାବାଦ, ବାରାଣାସୀ, ମଥୁରା, ବୃନ୍ଦାବନ, ପାଟନା, ସାହିବଗ, ହରିଦ୍ୱାର ଏବଂ ନବଦ୍ୱୀପଠାରେ ପାଇଲଟ ପରିଯୋଜନା ରୂପରେ ଏହା ଆରମ୍ଭ କରାଯାଇଛି । ଏହି କାମ ଘାଟରେ କରାଯାଉଛି , ଏଥିରେ ଟ୍ରେଶ ସ୍କିମର, ଏରେଟର୍ସ, ବୁମ୍ ଆଦି ଉପକରଣର ବ୍ୟବହାର କରାଯିବ । ଏହି ମେସିନ ଗୁଡିକର ମୂଲ୍ୟ ୫୦ ହଜାରରୁ ଆରମ୍ଭ ହୋଇ ୧୬ କୋଟି ଟଙ୍କା ପର୍ଯ୍ୟନ୍ତ ହେବ । ସଫେଇ କାମ ପାଇଁ ୧୦ରୁ ୨୦ ଜଣ ଲୋକଙ୍କୁ ୧୦-୧୫ ଦିନ ପର୍ଯ୍ୟନ୍ତ ଡକାଯିବ । ଏହି ସ୍ୱେଚ୍ଛାସେବକ ମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରାଯିବା ସହ ଭଲ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯିବ । ଏହାସହିତ ଆଧୁନିକ ଶବଦାହ ଗୃହ, ମଡେଲ ଧୋବା ତୁଠ ଏବଂ ଅନ୍ୟ ଘାଟ ଗୁଡିକରେ ସୋଲାର ପ୍ୟାନେଲ ଆଦି ନିର୍ମାଣ କରାଯିବ । ଏସବୁ ସତ୍ୱେ ସମଗ୍ର ଗଙ୍ଗା ନଦୀକୁ ପ୍ରଦୂଷଣମୁକ୍ତ କରିବା ଏକ ଚ୍ୟାଲେର କାମ । ଏହାର ସଫଳତା ପାଇଁ ଉଭୟ ସରକାରୀ, ବେସରକାରୀ ସଂସ୍ଥା, ବାଣିଜ୍ୟିକ ସଂଗଠନ ଏବଂ ଧାର୍ମିକ ସଂସ୍ଥାନ ଗୁଡିକ ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଜଡିତ ହେବାକୁ ପଡିବ । ଗଙ୍ଗା ନଦୀ ଆଖପାଖରେ ରହୁଥିବା ପ୍ରତ୍ୟେକଟି ଭାରତୀୟଙ୍କ ନୈତିକ କର୍ତବ୍ୟ ହେଉଛି ଗଙ୍ଗା ସଫେଇର ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ସକରାତ୍ମକ ଭାବେ ଯୋଗଦାନ କରିବା ।

# କଂକ୍ରିଟର ଖୋଲା ମୁହଁ ଭିତରେ ସ୍ମାର୍ଟ ସିଟି ଭୁବନେଶ୍ୱର !

ଭୁବନେଶ୍ୱର (ପିଏନ୍): ସମଗ୍ର ଭାରତରେ ସ୍ମାର୍ଟ ସିଟିର ଏକ ନମ୍ବର ମର୍ଯ୍ୟାଦା ପାଇଛି ଆମ ଭୁବନେଶ୍ୱର। ଏହା ନିଶ୍ଚିନ୍ତ ଭାବରେ ଏକ ଗର୍ବ ଓ ଗୌରବର ପ୍ରସଙ୍ଗ। ରାଜ୍ୟର କଟକ ହେଉ ବା ରାଉରକେଲା, ସମ୍ବଲପୁର ହେଉ ବା ପୁରୀ ଅନ୍ୟ ସ୍ଥାନମାନଙ୍କୁ ନେଇ ଅନେକ ଚର୍ଚ୍ଚା ତୁମ୍ବୁ ତୋଫାନ ଆଉ ଗଣମାଧ୍ୟମରେ ଘମାଘୋଟ ଆଲୋଚନା ବି ଚାଲିଥିଲା। ହେଲେ କେନ୍ଦ୍ରସରକାର ପରିଶେଷରେ ଭୁବନେଶ୍ୱରକୁ ହିଁ ବାଛିନେଲେ। ଏହା ନିଶ୍ଚିନ୍ତ ଭାବରେ ଭୁବନେଶ୍ୱରବାସୀଙ୍କ ପାଇଁ ଆନନ୍ଦର ପ୍ରସଙ୍ଗ। ତେବେ ହେଲେ ଅନୁସନ୍ଧାନରୁ ଜଣାଯାଇଛି ଯେ ସ୍ମାର୍ଟ ସିଟି ପାଇଁ ଭୁବନେଶ୍ୱରର ରୂପକାନ୍ତିର ଯେଉଁପରି ନବକଳେବର ହେବ ଏହା ଭିତରେ ଅନେକ ସବୁଜବନାନୀ ମରୁଭୂମିରେ ପରିଣତ ହେବ। ଗ୍ରାମ୍ୟ ଜଙ୍ଗଲ ଆଉ ପ୍ରାକୃତିକ ନାଳର ଅସ୍ତିତ୍ୱ ବି ରହିବ ନାହିଁ। ତଥାକଥିତ ସ୍ମାର୍ଟ ସିଟିର କଂକ୍ରିଟ ରୂପକାନ୍ତି ଭିତରେ ଏହି ସହରର ଉପକଣ୍ଠରେ ଥିବା ଗ୍ରାମ୍ୟ ଜଙ୍ଗଲ, ସ୍ୱଚ୍ଛ ଜଳପ୍ରବାହିତ ପ୍ରାକୃତିକ ନାଳ, ସର୍ବୋପରି ଉର୍ବର ଶସ୍ୟକ୍ଷେତ୍ର ମଧ୍ୟ ଏହି କଂକ୍ରିଟର ଖୋଲା ମୁହଁ ଭିତରେ ଗଳି ଯିବ। ସ୍ମାର୍ଟ ସିଟିର ମର୍ଯ୍ୟାଦା ପାଇଥିବା ଭୁବନେଶ୍ୱର ଗତ ସପ୍ତାହରେ ଭାରତର ସବୁଠାରୁ ଉତ୍ତପ୍ତ ସହର ଭାବେ ଚର୍ଚ୍ଚିତ ହୋଇଥିଲା। ଏହାର କାରଣ କାହାକୁ ଅଛପା ନୁହେଁ କ୍ରମବର୍ଦ୍ଧିଷ୍ଣୁ କଂକ୍ରିଟ ଜଙ୍ଗଲ ମାଡ଼ି ଚାଲିଥିବାବେଳେ ସବୁଜ ବୃକ୍ଷରାଜି ଦିନକୁ ଦିନ ନଷ୍ଟ କରାଯାଉଛି। ପରିସଂଖ୍ୟାନର ତଥ୍ୟରୁ ଜଣାଯାଇଛି ସ୍ମାର୍ଟ ସିଟି ଭୁବନେଶ୍ୱରର ଦଶ ଲକ୍ଷ ଲୋକଙ୍କ ପାଇଁ ଉନ୍ନତମାନର ଘର ଯୋଗାଇବା ଲକ୍ଷ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ନିଜ ଆଡୁ ପ୍ଲାନ ତିଆରି କରିଛନ୍ତି। ଏଥିପାଇଁ ଦରକାର ପଡୁଥିବା ପଇଁଚାଳିଶଟି ନୂତନ ଟାଉନସିପ୍ ପାଇଁ ଯେଉଁ ପ୍ରଶସ୍ତ ଖୋଲା ସ୍ଥାନ ଆବଶ୍ୟକ ହେବ ତାହା ପାଇଁ ରାଜଧାନୀର ଉପକଣ୍ଠ କ୍ଷେତ୍ର ଉପରେ ପ୍ରଶାସନ ଦୃଷ୍ଟି ନିବଦ୍ଧ କରିଛି। ଏହା ଭିତରେ ବିଡ଼ିଏ ପାଇକରାପୁର, ନାରଗୋଦା, ସିଡିପୁଟ ଓ ସହଜପୁର ପରି ଅଞ୍ଚଳର ସାତଶହ ଅଣଚାଷ ଏକର ଜମିରେ ଲ୍ୟାଣ୍ଡ ପୁଲିଂ ବ୍ୟବସ୍ଥା ଲାଗୁ କରିଛନ୍ତି। ଯେଉଁ ସ୍ଥାନ ଦିନେ ଉର୍ବର ଶସ୍ୟକ୍ଷେତ୍ର ଆଉ ଖାନ୍‌ଦାନି ଚାଷବାସ ପାଇଁ ନିଜର ସ୍ୱତନ୍ତ୍ର ପରିଚିତ ରଖିଥିଲା ତାହା ଏବେ ସଫା ହେବାକୁ ଯାଉଛି। ଏହି ଅଞ୍ଚଳରେ ପୂର୍ବକାଳରୁ ରହିଆସିଥିବା ପ୍ରକୃତି ପ୍ରଦତ୍ତ ଦୁଇଟି ଗଭୀର ବିଲ ଦେଇ ଯାଇଥିବା ଦୁଇଟି ପ୍ରାକୃତିକ ନାଳ ପୋତା ହେବାର ଯୋଜନା ରହିଛି। ଗଙ୍ଗୁଆ ନଦୀରେ ପଡ଼ିଥିବା ଏହି ନାଳ ସ୍ମାର୍ଟ ସିଟି ଯୋଜନାର ଡ୍ରେନ୍‌କୁ ରୂପାନ୍ତରିତ ହେବ। କେବଳ ସେତିକି ନୁହେଁ ଓଡ଼ିଆଙ୍କର ସବୁଦିନିଆ ଖୋଜାଲୋଡା ହେଉଥିବା ଆମ୍ବ, ପଣସ, ବର, ତାଳ, ନଡ଼ିଆ ଓ ଓସ୍ତଗଛ ଠାରୁ ଅନ୍ୟାନ୍ୟ ଦେଶୀୟ ଗଛ ମଧ୍ୟ ହଜାର ହଜାର ସଂଖ୍ୟାରେ ବଳି ପଡ଼ିବେ। ଯୋଜନା ଅନୁଯାୟୀ କ୍ଷେତ୍ର ହରାଉଥିବା ଚାଷୀ ହୁଅନ୍ତୁ ବା ମାଲିକ କ୍ଷତିପୂରଣ ବାବଦରେ କିଛି ପାଇବେ କିନ୍ତୁ ତାହା କ'ଣ ଯଥାର୍ଥ କ୍ଷତି ପୂରଣ ? ସେହିପରି ଦଶହଜାର ଏକରରୁ ଉର୍ଦ୍ଧ୍ୱ ହେବ ବିରବନ୍ଧ, କ୍ଷେତ୍ରପାଳ, ଓରକଳ, ବୋତଣ୍ଡା, ସରକନ୍ତରା, ପ୍ରଧାନ ସାହି, ବାହାଦଲପୁର, କୋଟିଲାପୁଟ, ଏବରଙ୍ଗ ଓ ପାଞ୍ଚଗାଁ ପ୍ରମୁଖ ଅଞ୍ଚଳର ଏହି ସ୍ମାର୍ଟ ସିଟି ଭିତରେ ସ୍ୱାହା ହେବେ। ଏହି ଅଞ୍ଚଳରେ ଥିବା ପ୍ରାଚୀନ ଚାରୋଟି ପ୍ରାକୃତିକ ନାଳ ଯଥା ଝିରିଆ, ଭଙ୍ଗିଆ, ରଙ୍ଗନାଳିଆ ଓ ରଙ୍ଗିଆ ଯାହାକି ସ୍ଥାନୀୟ ଅଞ୍ଚଳର ଶସ୍ୟକ୍ଷେତ୍ରକୁ ସବୁଜ ଶ୍ୟାମଳା କରୁଥିଲେ ଏହି ସ୍ମାର୍ଟ ସିଟିର ବିଶାଳ ଟାଉନସିପ୍ ଭିତରେ ଡ୍ରେନ ପାଣିର ସଂସ୍ପର୍ଶରେ ଆସି ଏହାର ସ୍ୱଚ୍ଛ ଜଳ ନିଜର ସତ୍ତା ହରାଇବ। କେବଳ ସେତିକି ନୁହେଁ ବିସ୍ତୃତ ଅଞ୍ଚଳରେ ଭୂଗର୍ଭ ଜଳ ମଧ୍ୟ ନଷ୍ଟ ହେବ। ଏପଟେ ଭୁବନେଶ୍ୱରର କଟକ ଆଡୁ ଆସିଥିବା ପାହାଳ, ନଖରା ଆଦି ବେଶ ସମୃଦ୍ଧ ସବୁଜିମା ଶସ୍ୟଶ୍ୟାମଳା ଅଞ୍ଚଳ ଏହି ସ୍ମାର୍ଟ ସିଟି ଯୋଜନାରେ ନିଜର ପରିଚିତିକୁ ପରିବର୍ତ୍ତନ କରାଇବେ। ତେବେ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ଏହି ଅଞ୍ଚଳରୁ ବାହାରି ଥିବା ଆଧ୍ୟାତ୍ମିକ ଓ ଐତିହ୍ୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ରଖିଥିବା ପ୍ରାଚୀ ନଦୀ ପ୍ରଦୂଷିତ ହେବାର ସମ୍ଭାବନା ବି ରହିଛି। ରାଜଧାନୀର ଚନ୍ଦ୍ରଶେଖରପୁର ଅଞ୍ଚଳ କଳା ରହାଙ୍ଗ ରାଜସ୍ୱ ଗାମରେ ସତେଇଶ ଏକରରୁ ଉର୍ଦ୍ଧ୍ୱ ପରିମିତ ବାରଟି ଗ୍ରାମ୍ୟ ଜଙ୍ଗଲ ଯାହାକି ନାନା ରକମର ଦେଶୀୟ ଗଛରେ ପରିପୂର୍ଣ୍ଣ ଓ ଶୈଳଶ୍ରୀବିହାର ଅଞ୍ଚଳର ପାଖାପାଖି ସାତ ଏକର ପରିମିତ ଏକ ଆମ୍ବବଣ ସ୍ମାର୍ଟ ସିଟିର ନକ୍ସାରେ ନିଜର ସମାଧି ନେବ। ସେହିପରି ନିକଟରେ ଥିବା ପଟିଆ ଓ ରଘୁନାଥପୁରରେ ଥିବା ତିନୋଟି ଗ୍ରାମ୍ୟ ଜଙ୍ଗଲକୁ ସଂରକ୍ଷିତ ରଖିବା ଦିଗରେ କୌଣସି ଯୋଜନା ବି ନାହିଁ। ଡୁମୁଡୁମା ଅଞ୍ଚଳରେ ସତର ଏକର ବିଶିଷ୍ଟ ତିନୋଟି ଗ୍ରାମ୍ୟ ଜଙ୍ଗଲ ଥିଲା ଦୁଇଟି ବସ୍ତୀରେ ପରିଣତ ହୋଇଥିବାବେଳେ ଆଉ ଗୋଟିଏ ବିଭିନ୍ନ ରକମର ବିଶାଳ ଦେଶୀୟ ବୃକ୍ଷରେ ଭରପୁର ହୋଇଥିଲା ଆଉ ଯାହାର ସଂରକ୍ଷଣ ଦାୟିତ୍ୱ ନେଇଥିଲେ ସ୍ଥାନୀୟ ବାସିନ୍ଦାମାନେ ହେଲେ ସ୍ମାର୍ଟ ସିଟି ଅନ୍ତର୍ଗତ ହେଉଥିବାରୁ ଏହା ନଷ୍ଟ ବିନଷ୍ଟ ହୋଇଯିବ। ଭୁବନେଶ୍ୱର ମହାନଗର ନିଗମ ସ୍ମାର୍ଟ ସିଟି ପାଇଁ କେତେ ପରିମାଣର ଗ୍ରାମ୍ୟ ଜଙ୍ଗଲକୁ ଦଖଲ କରି ଭିନ୍ନ ରୂପରେ ପହଞ୍ଚାଇବ ତାହାର କୌଣସି ସଠିକ୍ ତଥ୍ୟ ରଖିନାହାନ୍ତି। ବର୍ଷ ବର୍ଷ ଧରି ରହିଥିବା ଓ ପରିବେଶର ସୁରକ୍ଷା କରୁଥିବା ଗ୍ରାମ୍ୟ ଜଙ୍ଗଲ ସହିତ ବିଶାଳ ବୃକ୍ଷ ମଧ୍ୟ ଉଜୁଡି ଯିବେ ଯାହାର ଭରଣା କୌଣସି ପରିସ୍ଥିତିରେ ବି ସମ୍ଭବ ନୁହେଁ। ପ୍ରାକୃତିକ ପରିବେଶ ମନୁଷ୍ୟଜନବସତି ଗଠନରେ ଅପରିହାର୍ଯ୍ୟ ହୋଇଥିବାବେଳେ ବିକାଶ ନାମରେ ଏହାକୁ ନଷ୍ଟ କରିବାର ଯଥାର୍ଥତା ନେଇ ପ୍ରଶ୍ନ ବି ଉଠୁଛି। ବ୍ୟାପକ ବୃକ୍ଷରୋପଣ ଦ୍ୱାରା ପରିବେଶଜନିତ ଅବକ୍ଷୟର ମୁକାବିଲା ବି ସମ୍ଭବ କିନ୍ତୁ ଏ କ୍ଷେତ୍ରରେ ଯୋଜନାବଦ୍ଧ ପ୍ରକଳ୍ପର ବ୍ୟବସ୍ଥା ହୋଇନାହିଁ। ଏଠାରେ ଆଉ ଏକ ପ୍ରସଙ୍ଗ ବି ଉଲ୍ଲେଖନୀୟ ଜଗତ୍‌ସିଂହପୁରର ପୋସ୍କୋ ପ୍ରକଳ୍ପ ପାଇଁ ଦେଢ଼ଲକ୍ଷ ଗଛ କାଟିବାକୁ ପଡ଼ିଥିଲା। କିନ୍ତୁ ପରବର୍ତ୍ତୀ ପରିଣତି ଆଉ ପୋସ୍କୋର ସ୍ଥିତି କ'ଣ ହେଲା ତାହା ସମସ୍ତଙ୍କୁ ଜଣା। ତେଣୁ ଶିଳ୍ପ ପ୍ରଗତି ହେଉ ବା ଯୋଜନାବଦ୍ଧ ସହର ଏହା ସହିତ ତାଳଦେଇ ସବୁଜବନାନୀ ଦିଗକୁ ଦୃଷ୍ଟି ଦେଲେ ସମସ୍ୟା କିଛି ରୁହନ୍ତା ନାହିଁ। ସ୍ମାର୍ଟ ସିଟି ନିଶ୍ଚିନ୍ତ ଭାବରେ ଭୁବନେଶ୍ୱରିଆଙ୍କ ପାଇଁ ଗର୍ବର ପ୍ରସଙ୍ଗ କିନ୍ତୁ ପରିବେଶ ଜନିତ ଯେଉଁ ଅବକ୍ଷୟ ହେବ ତାହାର ପରିଣତି ଭୋଗିବା ପାଇଁ ଆମକୁ ଆଜିଠାରୁ ପ୍ରସ୍ତୁତ ହେବାକୁ ବି ପଡ଼ିବ। ସେ ସମୟ ଆଉ ବେଶି ଦୂର ବି ନୁହଁ !

# ବାସ୍ତବ କ୍ଷେତ୍ରରେ ଆଇନ୍ କେବଳ କାଗଜପତ୍ରରେ ସୀମିତ !

ବାଲେଶ୍ୱର (ଓଏନ୍‌ଏସ): ଆମର ଦକ୍ଷ ପ୍ରଶାସକମାନେ କଥାକଥାକେ ଲୋକମାନଙ୍କୁ ଆଇନ ଦେଖାଇ ଥାଆନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଆଇନ୍ କେଉଁଠି, କାହାପାଇଁ, କିଭଳି ଭାବରେ କାର୍ଯ୍ୟକାରୀ ହେଉଛି ତାହା ଏକ ପ୍ରଶ୍ନବାଚୀ। ବାସ୍ତବକ୍ଷେତ୍ରରେ ଆଇନ କେବଳ କାଗଜପତ୍ରରେ ରହିଥିବା ବେଳେ ଧନୀ, ପ୍ରଭାବଶାଳୀ ଲୋକମାନେ ଆଇନ୍‌କୁ ଭ୍ରୂକ୍ଷେପ କରୁନଥିବାର ବହୁ ଦୃଷ୍ଟାନ୍ତ ରହିଛି। କେବଳ ସାଧାରଣ ଲୋକମାନେ ଏହି ଆଇନର ଚକ୍ରବ୍ୟୁହରେ ପେଶି ହେବାହିଁ କେବଳ ଆଇନ୍ ବୋଲି କହିଲେ ଭୁଲ୍ ହେବନାହିଁ। ଏହାର ଉଦାହରଣଭାବେ ପୋଖରୀପୋତିବା ଘଟଣାକୁ ନିଆଯାଇପାରେ। କୌଣସି ପରିସ୍ଥିତିରେ ପୋଖରୀ ପୋତି ହେବ ନାହିଁ ବୋଲି ଆଇନ ରହିଛି। କିନ୍ତୁ ସୋର ମ୍ୟୁନିସ୍‌ପାଲିଟି ଅଧିନରେ ଥିବା ଗ୍ରାମଗୁଡ଼ିକରେ ଅନେକ ପୋଖରୀ ବେଆଇନ୍‌ଭାବେ ପୋତା ହେବା ସହିତ ତାହାର କିସମ ମଧ୍ୟ ପରିବର୍ତନ କରାଯାଇଛି। ଏହି ଆଇନକୁ କାର୍ଯ୍ୟକାରୀ କରିବାର ଅଧିକାର ସ୍ୱୟଂ ତହସିଲଦାରଙ୍କର ଥିବାବେଳେ, ତହସିଲଦାର କେବେବି ପୋତା ହେଉଥିବା ପୋଖରୀକୁ ଅଟକାଇ ନାହାନ୍ତି କିମ୍ବା ବେଆଇନ ଭାବେ ପୋଖରୀ ପୋତୁଥିବା ବ୍ୟକ୍ତି ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନଜିର ନାହିଁ। ଅପରପକ୍ଷରେ ବହୁ ପୋତାହୋଇଥିବା ପୋଖରୀର କିସମ ଘରବାଡ଼ି କିସମକୁ ସୋର ତହସିଲରେ ପରିବର୍ତନ କରାଯାଇଛି। ଅପରପକ୍ଷରେ ସୋରରେ ବସ୍‌ଷ୍ଟାଣ୍ଡ ଜରୁରୀ ଆବଶ୍ୟକତା ଥିବା ବେଳେ ସ୍ଥାନାଭାବରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ସମ୍ଭବ ହେଉନାହିଁ। ଉତରେଶ୍ୱରରେ ରାଜପଥକୁ ଲାଗି ରହିଥିବା ଅବ୍ୟବହୃତ ପୋଖରୀକୁ ପୋତି ସେଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ, ସୋରର ପୂର୍ବତନ ବିଧାୟକ ୰କାର୍ତିକ ମହାପାତ୍ର, ପୂର୍ବତନ ସୋର ଏନ.ଏ.ସି ଅଧ୍ୟକ୍ଷ (ଅଧ୍ୟକ୍ଷ ଥିବା ସମୟରେ) ବଙ୍କେଶ ବେହେରା ଓ ତତ୍‌କାଳୀନ ତହସିଲଦାର, ତତ୍‌କାଳୀନ ସୋର ଏନ.ଏ.ସି ନିର୍ବାହୀ ଅଧିକାରୀ ଏକ ନିଷ୍ପତି ନେଇଥିଲେ। କିନ୍ତୁ ପୋଖରୀ ପୋତିହେବନାହିଁ ବୋଲି ଆଇନର ଦ୍ୱାହୀ ଦେଇ ଏହିକାର୍ଯ୍ୟ ହୋଇପାରିଲା ନାହିଁ। କିନ୍ତୁ ଶହଶହ ପୋଖରୀ ଅବାଧରେ ସୋରରେ ପୋତା ଚାଲିଛି।ଏପରିକି ରାଜପଥର ପଶ୍ଚିମ ପାର୍ଶ୍ୱରେ ଜଣେ ଧନୀଙ୍କ ବ୍ୟକ୍ତି ପୋଖରୀ ପୋତିଚାଲିଛି, ଯାହା ତହସିଲଦାରଙ୍କ ଆଖିକୁ ଦେଖାଯାଉନାହିଁ। ଅପରପକ୍ଷରେ ବସ୍‌ଷ୍ଟାଣ୍ଡ ନଥିବାରୁ ଜାତୀୟ ରାଜପଥ ଉପରେ ବସ୍ ରହିବା ଫଳରେ ଲୋକମାନେ ବିପଦଜନକ ଅବସ୍ଥାରେ ବସ୍ ଧରିବା ପାଇଁ ଜାତୀୟରାଜପଥ ଅତିକ୍ରମ କରୁଛନ୍ତି। ଏହା ଦୈନନ୍ଦିନ ଘଟଣା ହୋଇଥିବା ବେଳେ ଦୁର୍ଘଟଣା ଘଟି ଜୀବନହାନୀ ଘଟିବାର ନଜିର ମଧ୍ୟ ରହିଛି। ମୁଖ୍ୟ ପ୍ରଶ୍ନ ହେଲା ଆଇନ ଲୋକଙ୍କ ସୁବିଧା ପାଇଁ ହୋଇଥିବା ବେଳେ, ପୋଖରୀଟି କାହାରି କାର୍ଯ୍ୟରେ ଲାଗୁ ନଥିବା ବେଳେ ଏହି ଅବ୍ୟବହୃତ ପୋଖରୀଟିକୁ ପୋତିଲେ ଯଦି ବହୁ ସାଧାରଣ ଜନତା ଉପକୃତ ହେଉଛନ୍ତି ସେକ୍ଷେତ୍ରରେ ତାହାକୁ ଆଇନ୍‌ର ଦ୍ୱାହୀ ଦେଇ ସାମାଜିକ ଉନ୍ନତି ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଯଥାର୍ଥ କି ? ଦ୍ୱିତୀୟରେ ଯେଉଁଠି ଆଇନର ଖିଲାପ ହେଉଛି, ସେଠାରେ ଆଇନର ରକ୍ଷକମାନେ (ଅଧିକାରୀମାନେ) ପହଞ୍ଚି ପାରୁ ନାହାନ୍ତି କାହିଁ କି ? ଆଇନ କେବଳ ସାଧାରଣ ଜନତାଙ୍କ ପାଇଁ? ଧନୀ, ପ୍ରଭାବଶାଳୀ ବ୍ୟକ୍ତିମାନେ ଆଇନର ପରିସରଭୁକ୍ତ ନୁହଁନ୍ତି କି ? ଉପରୋକ୍ତ ଉଦାହରଣଟି ଏହା ପ୍ରମାଣିତ କରୁନାହିଁକି ?

# ବେଆଇନ ଚିମିନି ଭାଟି ପାଇଁ ପ୍ରଦୂଷଣ ବୃଦ୍ଧି: କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

ତିଖିରୀ (ଓଏନ୍‌ଏସ୍): ମହାକାଳପଡା ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟିର ଧୂଆଁ ଏବଂ ପାଉଁଶ ଏବେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ୫୦ରୁ ଊର୍ଦ୍ଧ୍ୱ ଇଟାଭାଟି ଓ ୨ଗୋଟି ଚିମିନି ଭାଟି ଯୋଗୁ ପ୍ରଦୂଷଣ ବଢ଼ିଚାଲିଛି। ଏଥିପାଇଁ ପରିବେଶବିତ୍ ମାନେ ଘୋର ଚିନ୍ତାପ୍ରକଟ କରୁଛନ୍ତି। ପ୍ରଶାସନ ଓ ପରିବେଶ ବିଭାଗର ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ, ମହାକାଳପଡା ତହସିଲ ଅନ୍ତର୍ଗତ ତିଖିରୀ, ଯଦୁପୁର, ବଉଦ ଠାରେ ଏକାଧିକ ଇଟାଭାଟି ଓ ଚିମିନି ଭାଟି ଗଢ଼ିଉଠିଛି। ଇଟାଭାଟି ଗୁଡ଼ିକୁ ବନ୍ଦ କରିବାକୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଥିଲେ ମଧ୍ୟ ଖୋଲା ଖୋଲି ଉକ୍ତ ଅଂଚଳରେ ଜନବସତି ନିକଟରେ ଇଟାଭାଟି ଗୁଡ଼ିକ ଚାଲୁଥିବା ଦେଖିବାକୁ ମିଳୁଛି। ସେହିପରି ସ୍ଥାନୀୟ ଅଂଚଳରେ ୨ଗୋଟି ବେଆଇନ ଚିମିନି ଭାଟି ରହିଛି। ପରିବେଶ କ୍ଲିୟରାନ୍ସ ସାର୍ଟିଫିକେଟ ବିନା ଚିମିନି ଭାଟି ଚାଲିପାରିବ ନାହିଁ ବୋଲି ଜାତୀୟ ଗ୍ରୀନ ଟ୍ୟୁବନାଲ(ଏନ୍‌ଜିଟ୍)ର କଡା ନିର୍ଦ୍ଦେଶ ରହିଛି। ମାତ୍ର ନିର୍ଦ୍ଦେଶକୁ ଫୁ କରି ଉକ୍ତ ଚିମିନି ଭାଟି ମାଲିକ ବେଫିକର ଭାବେ ଭାଟି ଚଳାଉଛନ୍ତି। ବେଆଇନ ଚିମିନି ଭାଟିକୁ ବନ୍ଦ କରିବାକୁ ଜନୈକ ବିଷ୍ଣୁପ୍ରସାଦ ମିଶ୍ର ଏନ୍‌ଜିଟ୍ ରେ ଗତବର୍ଷ ଆବେଦନ କରିଥିଲେ। ତଦନୁଯାୟୀ ମାର୍ଚ୍ଚ ୨୦୧୬ରେ ଏନ୍‌ଜିଟ୍ ଙ୍କ ନିର୍ଦ୍ଦେଶରେ ରାଜ୍ୟ ପରିବେଶ ବିଭାଗ ଓ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଂଚଳର ୫ଟି ବେଆଇନ ଚିମିନି ଭାଟି କୁ ବନ୍ଦ କରି ଦିଆଯାଇଥିଲା। ତେବେ କେତେକ ଏହା ମଧ୍ୟରେ ପରିବେଶ କ୍ଲିୟରାନ୍ସ ପାଇସାରିଥିବା ବେଳେ ୨ଟି ଚିମିନି ଭାଟି ପରିବେଶ କ୍ଲିୟରାନ୍ସ ପାଇନଥିବା ବରିବେଶ ବିଭାଗର ପାରାଦୀପ ସ୍ଥିତ ଆଂଚଳିକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ସେହିପରି ଯେଉଁ ଚିମିନି ଭାଟି ଗୁଡ଼ିକୁ ଅନୁମତି ମିଳିଛି ସେମାନେ ବି ପରିବେଶ ବିଭାଗର ନିର୍ଦ୍ଦେଶକୁ ମାନୁନଥିବା ଅଭିଯୋଗ ହେଉଛି। ବଉଦ-ତିଖିରୀରେ ଏକ ଚିମିନି ଭାଟି ରହିଛି। ଭାଟି ପରିସର ମଧ୍ୟରେ ଗଛ ଲଗାଇବା ଓ ପାଉଁଶ ଗଦା ଉପରେ ଆବଶ୍ୟକ ପାଣି ଛିଂଚନ କରିବାର ନିୟମ ରହିଥିଲେ ମଧ୍ୟ ତାହା କରାଯାଉନାହିଁ। ଫଳରେ ଉକ୍ତ ରାସ୍ତା ଉପରକୁ ପାଉଁଶ ଉଡିବାରୁ ପଥଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାର୍ଶ୍ୱବର୍ତ୍ତୀ ଆହୁରି ଅନେକ ଚିମିନି ଭାଟି ରୁ ମଧ୍ୟ ପାଉଁଶ ଉଡିବାରେ ଲାଗିଥିବା ବେଳେ ପରିବେଶ ବିଭାଗ ପକ୍ଷରୁ ଏହାକୁ ତଦାରଖ କରାଯାଉନଥିବା ଅଭିଯୋଗ ଉଠିଛି। ବେଆଇନ ଭାବେ ଇଟାଭାଟି ଓ ଚିମିନି ଭାଟି ଚାଲୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ଏହା ପରିବେଶ ବିଭାଗର କାର୍ଯ୍ୟ ବୋଲି କହି ଏଡାଇ ଯାଇଛନ୍ତି। ସେହିପରି ପାରାଦ୍ୱୀପ ସ୍ଥିତ ପରିବେଶ ବିଭାଗର ରିଜିଓନାଲ ଅଫିସର ପ୍ରଶାନ୍ତ କର କୁହନ୍ତି ଯେ, ସାର୍ଟିଫିକେଟ୍ ପାଇନଥିବା ଚିମିନି ଭାଟି ବନ୍ଦ ରହିଥିବା ଜାଣିଛୁ। ଯଦି କେହି ଚୋରାରେ ଚଳାଉଥାନ୍ତି ତେବେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜନସଂଖ୍ୟା ବୃଦ୍ଧି ସମସ୍ୟା ଦେଶ ଆଗରେ ବଡ଼ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ସମଗ୍ର ଦେଶରେ ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ଏକ ମସ୍ତବଡ଼ ଚାଲେଞ୍ଜ ରୂପେ ଦେଖାଦେଇଛି। ବାସ୍ତବ କ୍ଷେତ୍ରରେ ଏହା ଆଉ ଏକ ସମସ୍ୟା ହୋଇରହିନାହିଁ, ଦେଶକୁ ବିସ୍ଫୋରଣ ସ୍ଥିତି ଆଡ଼କୁ ଟାଣି ନେଇଛି। କାରଣ ଯେପରି ଦ୍ରୁତଗତିରେ ଜନସଂଖ୍ୟା ହାର ବଢ଼ିଚାଲିଛି, ସେଥିରେ ଆଗାମୀ କିଛି ବର୍ଷ ମଧ୍ୟରେ ସ୍ଥାନାଭାବ, ଖାଦ୍ୟାଭାବ, ବେକାରୀ ବୃଦ୍ଧି ଆଦି ସଂକଟ ଯେ ଦେଶକୁ କବଳିତ କରିବ, ଏଥିରେ ସନ୍ଦେହ ନାହିଁ। ଜନସଂଖ୍ୟା ବୃଦ୍ଧିର ହାରକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ୨୦୧୧ ମସିହାର ଜନଗଣନାରେ ଭାରତର ଲୋକସଂଖ୍ୟା ୧୨୦କୋଟି ରହିଥିଲା। ସେତେବେଳେ ଏହା ଯୁକ୍ତରାଷ୍ଟ୍ର ଆମେରିକା, ପାକିସ୍ତାନ, ଇଣ୍ଡୋନେସିଆ, ବ୍ରାଜିଲ, ବାଙ୍ଗଲାଦେଶ ଓ ଜାପାନର ମିଳିତ ଲୋକସଂଖ୍ୟା ଠାରୁ ଅଧିକ ଥିଲା। ଅର୍ଥାତ୍ ଏହି ସମସ୍ତ ଦେଶର ଲୋକସଂଖ୍ୟାକୁ ମିଶାଇ ଦେଲେ ଯେତିକି ସଂଖ୍ୟା ହେବ, ଏକା ଭାରତର ଲୋକସଂଖ୍ୟା ତା'ଠାରୁ ଢ଼େର ଅଧିକ। ତେବେ ଉଦ୍‌ବେଗର ବିଷୟ ହେଉଛି ଯେ, ମାତ୍ର ସାଢ଼େ ତିନିବର୍ଷ ମଧ୍ୟରେ ଅର୍ଥାତ୍ ଗତ ଜୁଲାଇ ୧୧ ତାରିଖ ସନ୍ଧ୍ୟା ୫ଟା ବେଳକୁ ଆମ ଦେଶର ଜନସଂଖ୍ୟା ୧୨୭ କୋଟି ୪୨ଲକ୍ଷ ୩୯ ହଜାରରେ ପହଞ୍ଚିଯାଇଛି। ୩/୪ ବର୍ଷ ମଧ୍ୟରେ ଗୋଟିଏ ଦେଶର ଜନସଂଖ୍ୟା ୭କୋଟି ୪୨ଲକ୍ଷ ବଢ଼ିବା କିଛି କମ୍ କଥା ନୁହେଁ। ଏବେ ଭାରତର ଜନସଂଖ୍ୟା ସମଗ୍ର ପୃଥିବୀର ଜନସଂଖ୍ୟାର ୧୭.୨୫ ପ୍ରତିଶତ। ଗତ ୧୧ ତାରିଖ ଦିନ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସରକାରୀ ସୂତ୍ରରୁ ଏହି ଚିନ୍ତାଜନକ ତଥ୍ୟ ହସ୍ତଗତ ହୋଇଛି। ଏହି ସୂତ୍ରରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଆଜି ଆମ ଦେଶର ଲୋକସଂଖ୍ୟା ୧.୭ ପ୍ରତିଶତ ହାରରେ ବଢ଼ିବାରେ ଲାଗିଛି। ଯଦି ଏଥିରେ ଲଗାମ ଲଗାନଯାଏ, ତେବେ ୨୦୫୦ ମସିହା ବେଳକୁ ଭାରତ ଲୋକସଂଖ୍ୟାରେ ଚୀନକୁ ମଧ୍ୟ ଟପିଯିବ। ବର୍ତ୍ତମାନ ଚୀନର ଲୋକସଂଖ୍ୟା ୧୩୯ କୋଟି ରହିଛି। ଦୁଇ ଦେଶର ଲୋକସଂଖ୍ୟା ଭିତରେ ରହିଥିବା ତାରତମ୍ୟ ଧୀରେ ଧୀରେ କମିଯାଉଛି। କାରଣ ଚୀନରେ ଜନସଂଖ୍ୟା ବୃଦ୍ଧିର ହାର ଭାରତ ଠାରୁ ମନ୍ଥର ହୋଇଥିବାବେଳେ ଭାରତରେ ଏହା ଦୌଡ଼ିବାରେ ଲାଗିଛି। ୨୦୫୦ ସୁଦ୍ଧା ଭାରତର ଜନସଂଖ୍ୟା ୧୬୩ କୋଟିକୁ ଟପିଯିବ, ଯେତେବେଳେ କି ଚୀନ ଆମଠାରୁ ପଛରେ ପଡ଼ିଥିବ। ବର୍ତ୍ତମାନ ଆମ ଦେଶରେ ଯେତେସବୁ ବିଭ୍ରାଟ ଓ ବିଲକ୍ଷଣ ଦେଖାଯାଉଛି, ତାର ମୂଳ କାରଣ ହେଉଛି ବିସ୍ଫୋରଣମୁଖୀ ଜନସଂଖ୍ୟା ବୃଦ୍ଧି। ଏହା ଦେଶର କ୍ରମବର୍ଦ୍ଧିଷ୍ଣୁ ଦାରିଦ୍ର୍ୟର ମୁଖ୍ୟ କାରଣ ହୋଇଥିବାବେଳେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ବିଫଳ ହେବାର ମଧ୍ୟ ଅନ୍ୟତମ କାରଣ ବୋଲି ବିଚାର କରାଯାଉଛି। ଏହି କାରଣରୁ ପ୍ରଶାସନ ତଳସ୍ତରରେ ଥିବା ସମସ୍ତ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ ,ବଂ ଜନସଂଖ୍ୟାର ଏକ ବିଶାଳ ଭାଗ ପ୍ରଶାସନ ଠାରୁ ଅପହଞ୍ଚ ଦୂରତ୍ୱରେ ରହୁଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା ସମାନୁପାତିକ ହୋଇପାରୁନାହିଁ। ଆମ ଦେଶର କେବଳ ଗୋଟିଏ ରାଜ୍ୟ ଉତ୍ତର ପ୍ରଦେଶର ଜନସଂଖ୍ୟା ପୃଥିବୀର ପଞ୍ଚମ ଜନବହୁଳ ଦେଶ ବ୍ରାଜିଲ ଠାରୁ ମଧ୍ୟ ଅଧିକ ଏହି ତଥ୍ୟ କେହି ବିଶ୍ୱାସ କରିପାରିବେ ନାହିଁ। ଭାରତରେ ଜନସଂଖ୍ୟା ଏଭଳି ଦ୍ରୁତଗତିରେ ବଢ଼ିବାର କାରଣ ନେଇ ଏବେ ବୈଜ୍ଞାନିକ ଓ ସମାଜବିଜ୍ଞାନୀମାନେ ଗବେଷଣା ଚଳାଇଛନ୍ତି। ସେମାନଙ୍କ ମତରେ କମ୍ ବୟସରେ ବିବାହ ଆମ ଦେଶରେ ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାରଣ। ଯେହେତୁ ଭାରତରେ କେବଳ ବିବାହ ପରେ ହିଁ ସନ୍ତାନ ଜନ୍ମକୁ ସମାଜ ସ୍ୱୀକୃତି ଦେଇଛି, ତେବେ ବିବାହର ବୟସ ସୀମା ଉପରେ ଦୃଷ୍ଟି ରଖିଲେ, ଏହି ସମସ୍ୟାର ଆଂଶିକ ସମାଧାନ ହୋଇପାରିବ। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଦେଶର କେତେକ ଅଞ୍ଚଳରେ ୧୮ବର୍ଷରୁ କମ୍ ବୟସର ଝିଅମାନେ ବିବାହ କରୁଛନ୍ତି। ଏମାନଙ୍କ ସଂଖ୍ୟା ପ୍ରାପ୍ତ ପନ୍ଦର ପ୍ରତିଶତ ହୋଇଥିବାବେଳେ ସେହି ସବୁ ଅଞ୍ଚଳରେ ଅଧିକ ସନ୍ତାନ ଜନ୍ମ ହେଉଥିବାର ଦେଖାଯାଉଛି। ଯଦିଓ ବାର୍ଷିକ ଶିଶୁ ଜନ୍ମହାର ବିଗତ ବର୍ଷ ଗୁଡ଼ିକ ତୁଳନାରେ କ୍ରମାଗତ ହ୍ରାସ ପାଉଛି, ତଥାପି ତାହା ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ଆହୁରି ସଂଯମତା ଓ ସତର୍କତା ଅବଲମ୍ବନ କରାଯିବାର ଆବଶ୍ୟକତା ରହିଛି। ଚାଷଜମି ପରିମାଣ କମିଯିବା ଫଳରେ ଖାଦ୍ୟ ଉତ୍ପାଦନ ହ୍ରାସ ପାଉଛି, ଭୂତଳ ଜଳସ୍ତର ହ୍ରାସ ପାଇଚାଲିଛି, ବାସଗୃହ କରିବାକୁ ସ୍ଥାନ ନାହିଁ। ଏଭଳି କ୍ଷେତ୍ରରେ ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଲେ କି ଭୟଙ୍କର ସ୍ଥିତି ଉପୁଜିବ, ତାହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ। ଆଜିଠୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଭବିଷ୍ୟତରେ ସ୍ଥିତି ଭୟାବହ ସୁନିଶ୍ଚିତ।

**(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି)**

# ଡରରୁ ମୁକ୍ତି ପାଇଁ ବହି ଲୋଡ଼ା

ବୋଲଗଡ଼ (ପିଏନ୍): ଆମ ଭିତରର ଅଜ୍ଞତା, ଅସହାୟତା ଆମକୁ ଡରାଉଛି। ସେଇ ଡରରୁ ମୁକ୍ତି ପାଇବା ପାଇଁ ପ୍ରଚୁର ପଢ଼ିବା ଆବଶ୍ୟକ। ବହି ଏ ଦିଗରେ ସହାୟକ ହେବ ବୋଲି ସ୍ଥାନୀୟ ପ୍ରଗତି ପାଠାଗାରର ଅଷ୍ଟମ ସାମ୍ବତ୍ସରିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ 'ଅ' ପତ୍ରିକାର ସଂପାଦକ ତଥା ନାଟ୍ୟକାର ବିଜୟ ଦାସ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ଉପଦେଷ୍ଟା ଲେଖିକା ସେବତୀ ପରିଡ଼ା ଓ ସଂପାଦକ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ରଂକନିଧି ବଳିଆରସିଂହ ମୁଖ୍ୟବକ୍ତା ରୂପେ ଯୋଗଦେଇ ଆମେ ଓଡ଼ିଆମାନେ ଦେଶୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆପଣାଇବା ଉପରେ ଗୁରୁତ୍ୱ ଦେଇଥିଲେ। ରୀତିଯୁଗୀୟ କାବ୍ୟସାହିତ୍ୟର ଅନନ୍ୟ ସାଧକ, ବର୍ଷୀୟାନ ଶିକ୍ଷାବିତ୍ ଜହିରୁଦ୍ଦିନ ଖାଁ ବକ୍ତବ୍ୟ ଦେଇ କହିଥିଲେ ଯେ, କେବଳ ଭାବ ଓ ଭାଷାକୁ ନେଇ ସାହିତ୍ୟ କଲେ ହେବନି, ସେଥିରେ ସମାଜ ପାଇଁ ବାର୍ତା ରହିବା ଅତ୍ୟନ୍ତ ଜରୁରୀ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ଯୋଗଦେଇ ସ୍ମାର୍ଟଫୋନ୍ ଅପେକ୍ଷା ବହି ଉପରେ ଆମେ ବେଶୀ ଗୁରୁତ୍ୱ ଦେବାପାଇଁ ଉପସ୍ଥିତ ଶ୍ରୋତାମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି 'ସ୍ୱାଗତିକା' ପତ୍ରିକାର ସଂପାଦକ ନିଶିକାନ୍ତ କହଳସିଂହ ପ୍ରଗତି ପାଠାଗାରର ବିଭିନ୍ନ କାର୍ଯ୍ୟାବଳିର ଭୂୟସୀ ପ୍ରଶଂସା କରିଥିଲେ। ଏଇ ଅବସରରେ ବର୍ଷୀୟାନ ଶିକ୍ଷାବିତ୍ ଜହିରୁଦ୍ଦିନ ଖାଁଙ୍କୁ ପୂଜ୍ୟପୂଜା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ଦ୍ୱାରା ପରିଚାଳିତ କୋଚିଙ୍ଗ ଅନୁଷ୍ଠାନର ସାଧାରଣଜ୍ଞାନ ତଥା ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର, ଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ଡାନ୍ସ ଡାନ୍ସ'କୁ ବହୁସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ। ଶେଷରେ ଭାରତୀୟ ବାୟୁସେନାର ଅଧିକାରୀ ମାନସ ରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ରଧର ପୃଷ୍ଟି ଚାରିଟେବୁଲ ଟ୍ରଷ୍ଟ ତରଫରୁ ସ୍ୱାସ୍ଥ୍ୟ ଶିବିର

ଓଁ ଶ୍ରୀ ସାଇରାମ
ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ପାଣିକୋଇଲି (ପିଏନ୍): ପାଣିକୋଇଲି ସମିତିର ପ୍ରାଣ ପ୍ରତିଷ୍ଠାତା ସାଇକର୍ମୀ ଅବସରପ୍ରାପ୍ତ ପ୍ରଶାସକ ସ୍ୱର୍ଗତଃ ଚକ୍ରଧର ପୃଷ୍ଟିଙ୍କ ସ୍ମୃତିରେ ଗଠନ ହୋଇଥିବା ଚକ୍ରଧର ପୃଷ୍ଟି ଚାରିଟେବୁଲ ଟ୍ରଷ୍ଟ ତରଫରୁ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଶିବିର ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ଲତିକା ପୃଷ୍ଟି ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଚାରିଶହରୁ ଊର୍ଦ୍ଧ୍ୱ ରୋଗୀ ଏଥିରେ ଆବଶ୍ୟକୀୟ ମାଗଣା ପରୀକ୍ଷା ସୁଯୋଗ ସହ ଔଷଧ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ପ୍ରଧାନ, ଡାକ୍ତର ସୂର୍ଯ୍ୟପ୍ରକାଶ, ଡାକ୍ତର ଧୀରେନ୍ଦ୍ର ମାରାଣ୍ଡି, ଡାକ୍ତର ନୀଳମାଧବ ପୃଷ୍ଟି, ଡାକ୍ତର ଶୁଭ୍ରା ପ୍ରିୟଦର୍ଶିନୀ ପୃଷ୍ଟି, ଡାକ୍ତର ହିମାଂଶୁ ମିଶ୍ର, ଡାକ୍ତର ସୁଧାଂଶୁ ନାଥ, ଡାକ୍ତର ହିମାଂଶୁ ଭୂଷଣ ପଲେଇ, ଡାକ୍ତର ଦୀପକରାଜ ପ୍ରମୁଖ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀସତ୍ୟ ସାଇ ସେବାସମିତି କେନ୍ଦ୍ରାପଡ଼ାର ପୂର୍ବତନ ଆବାହକ ତଥା ଟ୍ରଷ୍ଟର କର୍ମକର୍ତ୍ତା ରାଧାକୃଷ୍ଣ ସାହୁ, ଟ୍ରଷ୍ଟି ଧବଳେଶ୍ୱର ପୃଷ୍ଟି, ଟ୍ରଷ୍ଟି ଅସୀତ କୁମାର ମହାନ୍ତିଙ୍କ ସହ ଧର୍ମାନନ୍ଦ ସାହୁ, ନରୋତ୍ତମ ଓଝା, ସୁକାନ୍ତ ପ୍ରଧାନ, ବିଦ୍ୟାଧର ଦାସ, ଅଲେଖ ସାହୁ, ପ୍ରଶାନ୍ତ ମହାପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶା ଚିଲ୍‌ଡ୍ରେନ୍‌ସ ୱେଲ୍‌ଫେୟାର ଅର୍ଗାନାଇଜେସନ ତରଫରୁ ଶିଶୁ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ଚିଲ୍‌ଡ୍ରେନ୍‌ସ ୱେଲ୍‌ଫେୟାର ଅର୍ଗାନାଇଜେସନ ତରଫରୁ ନଭେମ୍ବର ୧୪ ତାରିଖରେ ଶିଶୁ ଦିବସ ଜୟଦେବ ଭବନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରୁ ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ଓଡ଼ିଶୀ ନୃତ୍ୟ ଓ ଆଧୁନିକ ନୃତ୍ୟରେ ଭାଗ ନେଇଥିଲେ। ଚିନ୍ମୟ ସୁନ୍ଦର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଏବଂ ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବକୁ ବିଭୂରାଇ ସିଂ, ପଦ୍ମଜ ଦାସ, ସୁବଳ ଗିରି, ସତ୍ୟ ମହାନ୍ତି, ମାମୁନି, ରିଙ୍କୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସଞ୍ଜୟ କାମାତ ଧନ୍ୟବାଦ ଦେଇଥିଲେ।

# ଆଦିବାସୀ ଅଞ୍ଚଳରେ କାଗଜପତ୍ରରେ ସ୍ୱାସ୍ଥ୍ୟସେବା ଯୋଜନା !

ନବରଙ୍ଗପୁର/ଉମରକୋଟ (ଓଏନ୍‌ଏସ): ଆଦିବାସୀ ବାସିନ୍ଦା ବହୁଳ ନବରଙ୍ଗପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲେ ହେଁ କ୍ରମେ ଏଠାରେ ସ୍ୱାସ୍ଥ୍ୟ ସେବାର ଅବନତି ହୋଇଚାଲିଛି। ଓଏନ୍‌ଏସ୍ ଅନୁସନ୍ଧାନରୁ ଜଣାପଡିଛି ଯେ, ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ଅବହେଳା ଓ ମନମୁଖୀ କାର୍ଯ୍ୟ ଯୋଗୁଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବିଫଳ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ), ମେଡିକାଲ ଅଫିସର୍ ଇନଚାର୍ଜ ଓ ପିଏଚ୍‌ଇଓ ମିଳିତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଖାତା ପତ୍ରରେ ସୀମିତ ରଖି ପର୍ଯ୍ୟାପ୍ତ ଅର୍ଥ ବାଟମାରଣା କରିଚାଲିଛନ୍ତି ଓ ଏଥିଯୋଗୁଁ ଏହି ଆଦିବାସୀ ଅଂଚଳରେ ସର୍ବଦା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ରହିଛି। ଗତ ୨୦୦୦ରୁ ଆଜି ମଧ୍ୟରେ ପୁଜାରିଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ଉମରକୋଟ) କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ନାଁରେ ବିଭିନ୍ନ ବେଆଇନ୍ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଯୋଜନା କାର୍ଯ୍ୟ କାରୀନାଁରେ ଫଲ୍‌ସ ବିଲ୍ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା କରାଯାଇଛି। କେତେ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ତୀବ୍ର ମାନସିକ ଯନ୍ତ୍ରଣା ଦିଆଯାଇଥିବା ବେଳେ ଜନୈକା ସ୍ୱାସ୍ଥ୍ୟ କର୍ମୀଙ୍କର ବେଆଇନ୍ ଭାବେ ୨ ଦିନର ଦରମା ବନ୍ଦ କରାଯାଇଥିଲା ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆତ୍ମହତ୍ୟା ଘଟଣାରେ ମେଡିକାଲ କର୍ତ୍ତୃପକ୍ଷ ପରୋକ୍ଷରେ ଦାୟୀଥିବା ଅଭିଯୋଗ ହୋଇଥିଲା। ଏଭଳି ଏକ ସମ୍ବେଦନଶୀଳ ଅଭିଯୋଗର ବିଚାର କରି ମାନ୍ୟବର ଲୋକପାଳ ସଂପୃକ୍ତ ଡ଼ିଡ଼ିଓ ଡ଼ାକ୍ତର ଏସ୍‌ସି ଶତପଥୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ସୁପାରିଶ (କେଶ୍ ନଂ.୪୨୭-ଏଲ୍‌ଓଇ(ଏ)/୨୦୦୭) କରିଥିଲେ ମଧ୍ୟ ତାହା ଆଜି ଯାଏ କାର୍ଯ୍ୟକାରୀ ହୋଇନାହିଁ। ଏଥିନେଇ ସାଧାରଣରେ ଅସନ୍ତୋଷ ଲାଗି ରହିଛି। କର୍ମଚାରୀଙ୍କ ପାଇଁ ଆସୁଥିବା ବିଭିନ୍ନ ଭତ୍ତା ଓ ଆର୍ଥିକ ସୁବିଧା ପ୍ରଦାନରେ ଡିଡିଓ ନିଜର ନିର୍ଦ୍ଦିଷ୍ଟ ପର୍ସେଣ୍ଟେଜ କାଟି ରଖୁଥିଲା ବେଳେ ବ୍ୟାଙ୍କରୁ ଲୋନ୍ ପାଇଁ କର୍ମଚାରୀଙ୍କ ଠାରୁ ଲାଞ୍ଚ ନେଇ ବେଆଇନ୍ ଭାବେ ବହୁ ଅଧିକ ନେଟ୍ ସାଲାରି ସାର୍ଟିଫିକେଟ୍ ଦେଇଥିବା ଅଭିଯୋଗ ରହିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆର୍ଥିକ ହେରଫେର ଚରମ ସୀମା ପରକରି ଥିଲାବେଳେ ଏଠାରେ ବହୁ ବର୍ଷତଳୁ ଅଡ଼ିଟ୍ ହୋଇନଥିବାରୁ ବହୁ ଗୁପ୍ତ ତଥ୍ୟ ସାମ୍ନାକୁ ଆସିପାରୁନାହିଁ। ଅନ୍ୟ ଏକ ଅଭିଯୋଗରୁ ଜଣା ପଡିଛି ଯେ, ଡିଡିଓ ଜନୈକା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରିଥିଲେ। ନିଜେ ଡ଼ିଡ଼ିଓ ଜନୈକା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିରୁଦ୍ଧରେ ଲୋକଙ୍କ ନାଁରେ ଏକ ଅଭିଯୋଗପତ୍ର ପ୍ରସ୍ତୁତ କରି ଜନୈକ କ୍ଲାର୍କଙ୍କ ସହାୟତାରେ କିଛି ଲୋକଙ୍କର ଦସ୍ତଖତ ଆଣିବାକୁ ଉଦ୍ୟମ କଲାବେଳେ ଧରା ପଡ଼ିଥିଲେ। ସୂଚନା ଯୋଗ୍ୟ ଯେ, ସଂପୃକ୍ତ ଡିଡିଓ ନିଜର କର୍ତ୍ତବ୍ୟ ଆଦୌ କରନ୍ତି ନାହିଁ ଓ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ରହନ୍ତି। ଏ ସଂପର୍କରେ ଅଭିଯୋଗ ପାଇ ବାରମ୍ବାର ବିଭାଗୀୟ ପଦାଧିକାରୀ ମାନେ ଡାକ୍ତରଖାନାରେ ପହଂଚି ତଦନ୍ତ କରି ଅଭିଯୋଗର ପ୍ରମାଣ ପାଇଥିଲେ ହେଁ ନିରବ ରହି ଆସିଛନ୍ତି। ଏଭଳି ଘଟଣା କେବିକେ ଅଞ୍ଚଳର ଅଧିକାଂଶ ଡାକ୍ତରଖାନାରେ ଦେଖା ଯାଇପାରେ। କେବିକେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ସର୍ବଦା ସ୍ୱାସ୍ଥ୍ୟସେବାର ଅବନତି ପାଇଁ ଏଭଳି କାରଣକୁ ମଧ୍ୟ ଦାୟୀ କରାଯାଉଛି। ଏଠାରେ ବହୁ ଅସାମ୍ବିଧାନିକ କାର୍ଯ୍ୟ ସଂପର୍କରେ ସାଧାରଣ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ନିରବତାର କାରଣ ସନ୍ଦେହ ଘେରକୁ ଆସିଛି। ଏଥିପ୍ରତି ରାଜ୍ୟ ଭିଜିଲାନ୍‌ସ ଡିଜି, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଦୃଷ୍ଟି ଦେଇ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ମଚାରୀ ଓ ବୁଦ୍ଧିଜୀବୀ ମହଲରେ ଦାବି କରାଯାଉଛି।